ଧରିତ୍ରୀ
DHARITRI

ଗୁରୁବାର, ୩୦ ଅଗଷ୍ଟ, ୨୦୧୮

# ଓଡ଼ିଶାର କ୍ରାଉନ୍ କୁଇନ୍



ଫ୍ୟାଶନ କ୍ଷେତ୍ରରେ ଧୀରେ ଧୀରେ ଆଗକୁ ବଢୁଛି ଓଡ଼ିଶା। ଅନ୍ତର୍ଜାତୀୟସ୍ତରୀୟ ଫ୍ୟାଶନ ୱିକ୍ ଏବଂ ର୍ୟାମ୍ପରେ ଭାରତୀୟ ଡିଜାଇନର୍ ଓ ମଡେଲମାନଙ୍କ ପ୍ରଭାବ ବଢୁଥିବା ବେଳେ ଏଥିରୁ ବାଦ୍ ପଡୁନାହାନ୍ତି ଓଡ଼ିଆ ଫ୍ୟାଶନ ଡିଜାଇନର୍ ଓ ମଡେଲ। ନିକଟରେ ରାଜ୍ୟରୁ ଏକାଧିକ ପ୍ରତିଭା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ବ୍ୟୁଟି କଣ୍ଟେଷ୍ଟରୁ ଆରମ୍ଭକରି ମଡେଲିଂ ଓ ଫ୍ୟାଶନ ଡିଜାଇନିଂ, ସବୁକ୍ଷେତ୍ରରେ ଓଡ଼ିଶାକୁ ମିଳୁଛି ସଫଳତା। ବିଶେଷକରି ୨୦୧୭ ଓ ୨୦୧୮ରେ ଓଡ଼ିଶାର ବ୍ୟୁଟି କୁଇନ୍ ଏବଂ ମଡେଲମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବ୍ୟୁଟି ପାଜେଣ୍ଟରେ ଏକାଧିକ କ୍ରାଉନ୍ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। କାନାଡାର ଟରଣ୍ଟୋ ସହରରେ ରହୁଥିବା ଓଡ଼ିଆ ଯୁବତୀ ନିକିତା ଗନ୍ତାୟତ 'ମିସ୍ ସାଉଥ୍ ଏସିଆ କାନାଡା-୨୦୧୭' ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପ୍ରଥମଥର ପାଇଁ 'ଦି ଗ୍ରେଟ୍ ପାଜେଣ୍ଟ କମ୍ୟୁନିଟି ୨୦୧୭'(ଟିଜିପିସି)ରେ ୪ ଓଡ଼ିଆ ମଡେଲ୍ ନିଜ ସ୍ଥାନ ସଂରକ୍ଷିତ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାମାନଙ୍କ ପାଇଁ ଆଜି କେବଳ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଭାଙ୍କ ତାଲିକା ଲମ୍ବିବାରେ ଲାଗିନି, ବରଂ ଓଡ଼ିଶାବାସୀ ଗର୍ବର ସହ ନିଜ ରାଜ୍ୟକୁ ବର୍ଣ୍ଣନା କରିପାରୁଛନ୍ତି।

ପୃ ୭



ମୈତ୍ରୀ

## ମିସ୍ ଟିନ୍ ଇଣ୍ଟରନ୍ୟାଶନାଲରେ ମୈତ୍ରୀଙ୍କୁ ୨ ଟାଇଟଲ

ବ୍ୟାଙ୍କକ୍‌ରେ ଅନୁଷ୍ଠିତ 'ମିସ୍ ଟିନ୍ ଇଣ୍ଟରନ୍ୟାଶନାଲ-୨୦୧୮'ରେ ଦୁଇ ଦୁଇଟି ଟାଇଟଲ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ ଭୁବନେଶ୍ୱରର ମୈତ୍ରୀ ମୋନାଲି ପ୍ରଧାନ। କେବଳ ଏତିକି ନୁହେଁ, ପୂର୍ବରୁ ୨୦୧୬ରେ କିଟ୍ 'ନହ୍ନିପରୀ-ଲିଟିଲ୍ ମିସ୍ ଇଣ୍ଡିଆ' ଟାଇଟଲ ଜିତି ସେ ଜାତୀୟସ୍ତରରେ ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଖାଇଥିଲେ। ନିଜର ଦୃଢ଼ ଆତ୍ମବିଶ୍ୱାସ ସହ ସୌନ୍ଦର୍ଯ୍ୟ ଓ ବୁଦ୍ଧିମତ୍ତା ପାଇଁ ଏହି ସଫଳତା ହାସଲ କରିଥିବା ମୋନାଲି  ଷ୍ଟାଣ୍ଡାର୍ଡ ୫ରୁ ମଡେଲିଂ କରିବା ଆରମ୍ଭ କରିଥିଲେ। ଏଫ୍‌ବିବି ରୂପଶ୍ରୀ ରଜ, ଟ୍ରେଣ୍ଡ୍ସ ଫ୍ୟାଶନ ଆଇକନ୍ ଭଳି ଏକାଧିକ ପ୍ଲାଟଫର୍ମରେ ମଧ ପୂର୍ବରୁ ସେ ନିଜର କରିସ୍ମା ଦେଖାଇଛନ୍ତି। ଏହାସହ ନିକଟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଅନୁଷ୍ଠିତ 'ମାତୃତ୍ୱ-୨୦୧୮'ରେ ସେ ଟାଇଟଲ ବିଜୟିନୀ ହୋଇଥିଲେ। ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ବର୍ତ୍ତମାନ କ୍ଲାସ୍ ୧୧ରେ ପଢୁଥିବା ମୋନାଲି ଆଗକୁ ଯାଇ ଭାରତରେ ଏକ ବିଶ୍ୱସ୍ତରୀୟ ବ୍ୟୁଟି ପାଜେଣ୍ଟର ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛନ୍ତି।



ଆନି

## ଆନିଙ୍କୁ ମିସ୍ ଇଣ୍ଡିଆ ଏଲିଗାଣ୍ଟ ଟାଇଟଲ୍

ଓଡ଼ିଆ ଝିଅ ଆନି ପ୍ରିନ୍ସ ନାଗ୍ ସର୍ବଭାରତୀୟସ୍ତରରେ ଆୟୋଜିତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା 'ମିସ୍ ଇଣ୍ଡିଆ ଏଲିଗାଣ୍ଟ-୨୦୧୭' ଟାଇଟଲ୍ ଜିତି ସମସ୍ତଙ୍କୁ ଚକିତ କରିଥିଲେ। କୋରାପୁଟ ଜିଲା ଜୟପୁର ଜନ୍ମିତ ଆନି ଜି ଫିଲ୍ମସ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ଅଂଶଗ୍ରହଣ କରିଥିବା ୨୧ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ଟାଇଟଲ ଜିତିଥିଲେ। ବେଙ୍ଗାଲୁରୁରେ ଅନୁଷ୍ଠିତ 'ମିସ୍ ଇଣ୍ଡିଆ ଏଲିଗାଣ୍ଟ-୨୦୧୭'ର ଫାଇନାଲକୁ ଉନ୍ନୀତ ହେବାରେ ମଧ ସେ ଏକମାତ୍ର ଓଡ଼ିଆ ଥିଲେ। ପୂର୍ବରୁ ୨୦୧୨ରେ 'ମିସ୍ ବାଙ୍ଗାଲୋର' ଟାଇଟଲ ଜିତି ସେ ଓଡ଼ିଶାର ଗାରିମାକୁ ବଢାଇଥିଲେ।

## ସ୍ୱପ୍ନା ପ୍ରିୟଦର୍ଶିନୀ

ଫେବୃୟାରୀରେ ମ୍ୟାନ୍‌ମାର୍‌ର ୟାଙ୍ଗନ୍‌ରେ ଅନୁଷ୍ଠିତ ମିସ୍ ଟୁରିଜିମ୍ ଆଣ୍ଡ କଲଚର୍ ୟୁନିଭର୍ସ-୨୦୧୮ରେ ଭାଗନେଇ ପ୍ରଥମଥରରେ ହିଁ ୩ୟ ରନର୍ସଅପ୍ ହୋଇଥିଲେ ଓଡ଼ିଆ ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ଢେଙ୍କାନାଳ ଜନ୍ମିତ ସ୍ୱପ୍ନା ସମଗ୍ର ବିଶ୍ୱରୁ ଅଂଶଗ୍ରହଣ କରିଥିବା ୩୦ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏଥିରେ ମିସ୍ ଫୋଟୋଜେନିକ୍ ଟାଇଟଲ୍ ମଧ ଜିତିଥିଲେ। ଏହାପୂର୍ବରୁ ସେ ମିସ୍ ଛତିଶଗଡ, ମିସ୍ ଟିନ୍ ଇଣ୍ଡିଆ ଏବଂ କିଟ୍ ନହ୍ନିପରୀ ଟାଇଟଲ ମଧ ଜିତିଛନ୍ତି।



ସ୍ୱପ୍ନା

# ଓଡ଼ିଶାର କ୍ରାଉନ୍ କୁଇନ୍

ପ୍ରଥମ ପୃଷ୍ଠାରୁ...


ଶ୍ରୁତୀକ୍ଷା


ତମନ୍ନା


ମ୍ରିଗାକ୍ଷୀ

## ମାଏରା ମୁନିଙ୍କୁ ଗ୍ୟାଲାକ୍ସି ଲିଟ୍‌ଲ ମିସ୍ ୱାର୍ଲଡ ଟାଇଟଲ

ଗତବର୍ଷ ପ୍ରଥମ ଭାରତୀୟଭାବେ 'ଗ୍ୟାଲାକ୍ସି ଲିଟିଲ ମିସ୍ ୱାର୍ଲଡ' ଟାଇଟଲ ଜିତି ରେକର୍ଡ ପ୍ରତିଷ୍ଠା କରିଥିଲେ ୫ବର୍ଷୀୟ ଓଡିଆ ଝିଅ ମାଏରା ମୁନି। ୟୁରୋପ ମହାଦେଶ ବୁଲ୍‌ଗେରିଆରେ ଅନୁଷ୍ଠିତ ହୋଇଥିବା ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୩୫ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ମାଏରା 'ମିସ୍ ଗ୍ୟାଲେକ୍ସି-୨୦୧୭'ର ମୁକୁଟ ପିନ୍ଧି ଦେଶ ଓ ରାଜ୍ୟ ପାଇଁ ଏହି ଗୌରବ ଆଣିଥିଲେ। କେବଳ ଏତିକି ନୁହେଁ, ମିସ୍ ଗ୍ୟାଲେକ୍ସି ଟାଇଟଲ ସହ ମାଏରା 'ମିସ୍ ଲିଟିଲ ଗ୍ୟାଲାକ୍ସି ଫ୍ୟାଶନ ଷ୍ଟାର୍' ଏବଂ 'ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ୍' ଆୱାର୍ଡ ମଧ ହାସଲ କରିବାରେ ସଫଳ ହୋଇଥିଲେ। ବାଙ୍ଗାଲୋରରେ ରହୁଥିବା ଗଞ୍ଜାମ ଜିଲା  ହିଞ୍ଜିଳିକାଟୁର ମଳୟ ମୁନି ଏବଂ ଚଣ୍ଡିଗଡର ନନ୍ଦିନୀ ମୁନିଙ୍କ ଏକମାତ୍ର ଝିଅ ମାଏରା ବାଙ୍ଗାଲୋରରେ ଅନୁଷ୍ଠିତ ହୋଇଥିବା 'ଗ୍ୟାଲେକ୍ସି ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୭' କ୍ରାଉନ୍ ଜିତି ସମସ୍ତଙ୍କୁ ଚକିତ କରିଥିଲେ।


ପଦ୍ମାଳୟା

## ପଦ୍ମାଳୟାଙ୍କୁ ୩ ମେଗା ଟାଇଟଲ

ମାତ୍ର ୧୨ବର୍ଷ ବୟସରେ ପୁରୀ ଜନ୍ମିତ ପଦ୍ମାଳୟା ନନ୍ଦ ଲିଟିଲ୍ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ତିନି ତିନିଟି ମେଗା ଟାଇଟଲ ଜିତି ସମଗ୍ର ଦେଶର ଭଲପାଇବା ସାଉଁଟିଥିଲେ। ୟୁରୋପର ଜର୍ଜିଆଠାରେ ଅନୁଷ୍ଠିତ ଏହି ପାଜେଣ୍ଟରେ ପଦ୍ମାଳୟା ଭାରତରୁ ପ୍ରତିନିଧିତ୍ୱ କରି ଲିଟିଲ ମିସ୍ ୟୁନିଭର୍ସ ଇଣ୍ଟରନେଟ ୨୦୧୭ ବିଜୟିନୀ ହୋଇଥିଲେ। ଏହାସହ ଲିଟିଲ୍ ମିସ୍ ୟୁନିଭର୍ସ ଗ୍ରାନ୍ ପ୍ରିକ୍ସ(ର୍‍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ) ଓ ଲିଟିଲ ମିସ୍ ଆକ୍‌ଟ୍ରେସ(ଯାହା ବେଷ୍ଟ ଟ୍ୟାଲେଣ୍ଟ ଅଫ୍ ଦି ୱାର୍ଲଡ୍ ଭାବେ ସୁପରିଚିତ)କୁ ମଧ ସେ ନିଜ ନାମରେ କରିଥିଲେ। କଟକ ଷ୍ଟୁଆର୍ଟ ସ୍କୁଲ୍‌ରେ ପଢୁଥିବା ପଦ୍ମାଳୟା ଗ୍ରୀସ୍‌ରେ ଅନୁଷ୍ଠିତ ହୋଇଥିବା 'ଲିଟିଲ୍ ମିସ୍ ୱାର୍ଲଡ' ପ୍ରତିଯୋଗିତାରେ ମଧ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ କେରଳର କୋଝିକୋଡ୍‌ଠାରେ ଅନୁଷ୍ଠିତ ଜୁନିୟର ମଡେଲ୍ ଇଣ୍ଟରନ୍ୟାଶନାଲ୍‌ରେ ମଧ ସମସ୍ତଙ୍କୁ ପଛରେ ପକାଇ ସେ କ୍ରାଉନ୍ ଜିତିଥିଲେ।


ମାଏରା

## ଲିଟିଲ୍ ମିସ୍ ୟୁନିଭର୍ସ ୨୦୧୮ରେ ମ୍ରିଗାକ୍ଷୀଙ୍କ କମାଲ

ପ୍ରଥମେ ଲିଟିଲ୍ ମିସ୍ ଗ୍ୟାଲାକ୍ସି ଟାଇଟଲ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିବା ଓଡିଆ ଝିଅ ମ୍ରିଗାକ୍ଷୀ ଆର୍. କୁମାର ତୁର୍କୀରେ ଅନୁଷ୍ଠିତ ଲିଟିଲ୍ ମିସ୍ ୟୁନିଭର୍ସ ୨୦୧୮ରେ ଦୁଇ ଦୁଇଟି ଟାଇଟଲ ଜିତି ଦ୍ୱିତୀୟଥର ପାଇଁ ରାଜ୍ୟବାସୀଙ୍କୁ ଗୌରାବାନ୍ୱିତ କରିଥିଲେ। ନିଜର ଦକ୍ଷତା, ସୌନ୍ଦର୍ଯ୍ୟ ଓ ବୁଦ୍ଧିମତା ବଳରେ ୬ବର୍ଷୀୟ ମ୍ରିଗାକ୍ଷୀ ଏହି ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ମିସ୍ ବଟରଫ୍ଲାଏ' ସହ 'ବେଷ୍ଟ ଇନ୍ ନ୍ୟାଶନାଲ କଷ୍ଟ୍ୟୁମ୍' ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟାଇଟଲ ଜିତିବାରେ ସଫଳ ହୋଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଷ୍ଟାଣ୍ଡାର୍ଡ ୧ରେ ପଢୁଥିବା କଟକ ଜନ୍ମିତ ମ୍ରିଗାକ୍ଷୀ ମିସ୍ ଭୁବନେଶ୍ୱର ଟାଇଟଲ ଜିତିବା ସହ ୩୭ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ 'ଲିଟିଲ୍ ପ୍ରିନ୍ସେସ୍ ଅଫ୍ ଦି ୱାର୍ଲଡ' ପ୍ରତିଯୋଗିତା ପାଇଁ ସିଧା ଚୟନ ହୋଇଥିଲେ।

## ଶତାଭିସାଙ୍କୁ ପିପୁଲ୍ସ ଚଏସ୍ ଟାଇଟଲ

ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ପାଜେଣ୍ଟ ୨୦୧୮ର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଓଡ଼ିଆ ଝିଅ ଶତାଭିସା ଦାସ ପିପୁଲ୍ସ ଚଏସ୍ ଟାଇଟଲ ଜିତିବାରେ ସଫଳ ହୋଇଥିଲେ। ଗତ ମେ'ରେ କେରଳର କାଲିକଟ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଫଳତା ପାଇ ଶତାଭିସା ଚର୍ଚ୍ଚାକୁ ଆସିଥିଲେ। ଇଣ୍ଟରନ୍ୟାଶନାଲ ଚିଲ୍‌ଡ୍ରେନ୍ସ ଆର୍ଟ ଟ୍ୟାଲେଣ୍ଟ ଆଣ୍ଡ ଫ୍ୟାଶନ ଫେଷ୍ଟିଭାଲ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୪୪ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇଥିଲେ  ଶତାଭିସା। ଏହାସହ ସେ ଫିଲିପାଇନ୍ସରେ ଅନୁଷ୍ଠିତ ହେବାକୁ ଥିବା ୱାର୍ଲଡ ଟୁରିଜିମ୍ ଫେଷ୍ଟିଭାଲ ୨୦୧୮ରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ କ୍ଲାସ୍ ୬ରେ ପଢୁଥିବା ୧୧ ବର୍ଷୀୟ ଶତାଭିସା ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲରେ ସମଗ୍ର ଦେଶର ୮୯୦ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମେ ସେମିଫାଇନାଲ ଏବଂ ପରେ ଫାଇନାଲକୁ ଉନ୍ନୀତ ହୋଇଥିଲେ।

## ଫେମିନା ମିସ୍ ଇଣ୍ଡିଆ ଟପ୍ ୧୨ରେ ଶ୍ରୁତୀକ୍ଷା

ଫେମିନା ମିସ୍ ଇଣ୍ଡିଆର ଇଷ୍ଟ ଜୋନାଲ କ୍ରାଉନିଂ ପ୍ରତିଯୋଗିତାରେ ଓଡିଶାରୁ ଶ୍ରେଷ୍ଠ ବିବେଚିତ ହୋଇ ମିସ୍ ଇଣ୍ଡିଆ ଓଡିଶା ଟାଇଟଲ୍ ହାସଲ କରିଥିବା ଶ୍ରୁତୀକ୍ଷା ନାୟକ ପ୍ରତିଯୋଗିତାର ଶ୍ରେଷ୍ଠ ୧୨ଜଣଙ୍କ ମଧରେ ସ୍ଥାନ ପାଇଥିଲେ। ଫେମିନା ମିସ୍ ଇଣ୍ଡିଆର ଗ୍ରାଣ୍ଡ ଫିନାଲେରେ ଶ୍ରୁତୀକ୍ଷା ନିଜର ଦୃଢ ଆତ୍ମବିଶ୍ୱାସ, ପ୍ରତିଭା ଏବଂ ସୌନ୍ଦର୍ଯ୍ୟ ବଳରେ ଟପ୍ ୧୨ରେ ନିଜ ସ୍ଥାନ ସୁରକ୍ଷିତ ରଖି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏହାସହ ନିଜର ଆକର୍ଷଣୀୟ ହସ ପାଇଁ 'ମିସ୍ ବିଉଟିଫୁଲ୍ ସ୍ମାଇଲ୍' କାଟେଗୋରୀରେ ଶ୍ରେଷ୍ଠ ୫ଜଣଙ୍କ ମଧରେ ଥିଲେ ଭୁବନେଶ୍ୱରର ଏହି ୨୨ବର୍ଷୀୟ ସୁନ୍ଦରୀ। କିଟ୍ ୟୁନିଭର୍ସିଟିରେ ମାସ୍ କମ୍ୟୁନିକେଶନ ଜର୍ନାଲିଜିମ୍ ଅଧ୍ୟୟନ କରୁଥିବା ଶ୍ରୁତୀକ୍ଷା ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବ୍ୟୁଟି ପାଜେଣ୍ଟରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି।


ରତୁ

## ତମନ୍ନାଙ୍କୁ ମିସ୍ ପପୁଲାର ଚଏସ୍ ଟାଇଟଲ୍

ଓଡ଼ିଶାର ଜଣାଶୁଣା ଅଭିନେତ୍ରୀ ତଥା ମଡେଲ ତମନ୍ନା ବ୍ୟାସ ନିକଟରେ ଅନୁଷ୍ଠିତ ବ୍ୟୁଟି ପାଜେଣ୍ଟ 'ମିସ୍ ଡିଭା ୨୦୧୮'ରେ ଶ୍ରେଷ୍ଠ ୫ଜଣଙ୍କ ମଧରେ ସ୍ଥାନପାଇଥିଲେ। କେବଳ ଏତିକି ନୁହେଁ, ନିଜର ପ୍ରତିଭା, ଦକ୍ଷତା ଏବଂ ପ୍ରଶଂସକଙ୍କ ଭୋଟ୍ ବଳରେ ତମନ୍ନା 'ମିସ୍ ପପୁଲାର ଚଏସ୍' ଟାଇଟଲ୍ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ମିସ୍ ଡିଭା ଅର୍ଗାନାଇଜେଶନ ଦ୍ୱାରା ଆୟୋଜିତ 'ମିସ୍ ଡିଭା ୨୦୧୮'ରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅଂଶଗ୍ରହଣ କରିଥିବା ୧୪୭ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ତମନ୍ନା ଆଗଧାଡ଼ିରେ ସ୍ଥାନ ପାଇଥିଲେ।

## ଓଡ଼ିଆ ଝିଅଙ୍କୁ ଡେଲିଉଡ୍ ମିସ୍ ଇଣ୍ଡିଆ ଟାଇଟଲ

ଦିଲ୍ଲୀରେ ଅନୁଷ୍ଠିତ ଡେଲିଉଡ୍ ମିଷ୍ଟର-ମିସେସ୍ ଏବଂ ମିସ୍ ଇଣ୍ଡିଆ ପ୍ରତିଯୋଗିତା-୨୦୧୮ରେ କଟକ ଜନ୍ମିତ ରତୁ ସନ୍ତୁକା ଡେଲିଉଡ୍ ମିସ୍ ଇଣ୍ଡିଆ ଟାଇଟଲ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ସମଗ୍ର ଦେଶରୁ ଅଂଶଗ୍ରହଣ କରିଥିବା ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପଛରେ ପକାଇ ରତୁ ଏହି ଟାଇଟଲ ଜିତିଥିଲେ। ଏହାସହ ସେ 'ମୋଷ୍ଟ ଇଣ୍ଟରନ୍ୟାଶନାଲ ଲୁକ୍', 'ମୋଷ୍ଟ ବ୍ୟୁଟିଫୁଲ୍' ଏବଂ 'ଡେଲିଉଡ୍ ମିସ୍ ଓଡ଼ିଶା ଟାଇଟଲ' ମଧ ଜିତିଥିଲେ। ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ପଢୁଥିବା ରତୁ ନିଜ ସୌନ୍ଦର୍ଯ୍ୟ ଓ ବୁଦ୍ଧିମତ୍ତା ବଳରେ କେବଳ ରାଜ୍ୟ ପର୍ଯ୍ୟାୟରେ ନୁହେଁ, ବରଂ ଗ୍ରାଣ୍ଡ ଫିନାଲେରେ ମଧ କରିସ୍ମା ଦେଖାଇଥିଲେ।


ଶତାଭିସା

– ରିପୋର୍ଟ: ସସ୍ମିତା ପାଇକରାୟ – ଫଟୋ: ବିକାଶ ନାୟକ

## ମୋର୍ ଅନୁଭୂତି

ଅଭିନେତା, ନିର୍ଦ୍ଦେଶକ୍, ମଡେଲ: ଶ୍ରୀତମ ଦାସ

ଜନମ୍: ନଭେମ୍ବର ୧୮

ଏହେଦ୍‌କାର ଠିକ୍‌ନା: କଟକ



# ରୋପ୍‌ୱେ ଛିଡ଼ିଗଲାରୁ ୨ ଘଁଟା ଝୁଲି ରହିଲି

ସଫଲ୍‌ତା: ରାମ ଲକ୍ଷ୍ମଣ, ସନ୍ତାନ, ବାବୁ ପର୍ଶୁରାମ, ଜୀବନସାଥୀ, ରଙ୍ଗ ନମ୍ବର, ବାହୁଡିବେ ମୋ ଜଗାବଳିଆ ଲେଖେନ୍ ୬୦ରୁ ଅଧିକା ଫିଲ୍ମରେ ଅଭିନଏ। ୮୦ରୁ ଅଧିକା ଆଲବମ୍‌ରେ ଅଭିନଏ, ୨ଟା ଫିଲ୍ମରେ ନିର୍‌ଦେଶନା, ରିଲିଜ୍ ଅପେକ୍ଷାରେ ଅଛେ 'ପ୍ରେମ ପାଇଁ ମହାଭାରତ', 'ସାଥୀ ତୁ ଫେରି ଆ', 'ଫେସବୁକ୍' ଆଉର 'ଆଣ୍ଟି ନମସ୍କାର'।

ଓଲିଉଡ୍ ଜଗତ୍‌ର ଝନେ ଜନାଶୁନା ଚେହେରା ହେଉଛନ୍ ଶ୍ରୀତମ ଦାସ। ଏକାଧାରେ ସେ ଝନେ ଅଭିନେତା, ନିର୍‌ଦେଶକ୍ ଆର୍ ମଡେଲ୍ ହିସାବେ ଲୁକ୍‌କର ହୁରୁଦ୍‌ରେ ରାଜ୍ କରୁଥିବାର ଶ୍ରୀତମ୍ ପିଲାଦିନୁ ଗ୍ଲାମର ଦୁନିଆଁ ଉପ୍‌ରେ ରୁଚି ରଖିଥିଲେ। ସେଥିର୍‌ଲାଗି ସେ ସ୍କୁଲ୍, କଲେଜରେ ପଢ଼ଲା ସମିଆରେ ଡ୍ରାମା ଆର୍ ସଂଗୀତ୍ ପର୍‌ତିଯୋଗିତାରେ ଭାଗ୍ ନେଉଥିଲେ। ଦିନୁ ଦିନ୍‌କେ ଇ ସବୁ ଗୁଟେ ଧାରାରେ ପରିନତ୍ ହେଇଥିଲା। ଝନେ ସାଂଗ୍ ସାହାଯ୍‌ରେ ନିଜର ପ୍ରୋଫାଇଲ୍ ତିଆର କଲେ, ତାର୍‌ପରେ ନିର୍‌ଦେଶକ୍ ଆର୍ ପର୍‌ଯୋଜକ୍‌କଁର ପାସେ ପୁହୁଁଚିଲେ। ପହେଲା ସେ କେତେ ଆଲବମ୍‌ରେ ବି ଅଭିନଏ କରିଥିଲେ। ସେଭିତ୍‌ରୁ 'ତୁ ଚାଲୁଥିଲୁ ତୋ ବାଟରେ', 'କେତେ ଦିନ ମୁହଁ ପୋତି ବାଟ ଚାଲୁଥିବ', 'ଯଉବନ ସାଗରରେ', 'ହାଏ ହାଏ ତୋ ମଲ୍ଲୀଫୁଲ ଗଜରା' ବହୁତ ହିଟ୍ ହେଇଥିଲା। ପହେଲା ୧୯୯୫ରେ 'ସାବିତ୍ରୀ' ଚଲଚିତ୍‌ର ଜରିଆରେ ସେ ବଡ଼ ପରଦାକେ ଆସିଥିଲେ। ଇତାର ପରେ ତାକର ଷ୍ଟ୍ରଗଲ ଆରମ୍ ହେଇଥିଲା। ଫିଲ୍ମରେ ଅଭିନଏ କର୍‌ବାର ଲାଗି ତାହାକୁ ନାଚ୍, ଫାଇଟ୍ ବି ଶିଖିବାକେ ପଡ଼ିଥିଲା। ପହେଲା ଆଲବମ୍, ତାର୍‌ପରେ ଫିଲ୍ମରେ ଅଭିନଏ ଆର୍ ଅଭିନେତାରୁ ନିର୍‌ଦେଶକ୍ ପାଲ୍‌ଟିଥିଲେ। ନାୟକ୍ ଆର୍ ଖଲନାୟକ୍ ଉଭଏ ଭୂମିକାନେ ଦେଖନ୍‌ହାରିକର ପର୍‌ଶଁସା ସାଉଁଟୁଥିବାର ଇ କଳାକାର ତାଁକର ଜୀବନ୍‌ର ଗୁଟେ ଅଭୁଲା ସୁଁର୍‌ତିକେ ଆମର ଆଘେ ବଖାନିଛନ୍।

୨୦୦୦ ମସିହାର କଥା। ଚଲଚିତ୍‌ର 'ଜନ୍ମଦାତା'ର ଗୀତ୍ ଶୁଟିଂ ଲାଗି ଆମେ ନନ୍ଦନକାନନ ଯାଇଥାଉଁ। ସେ ସମିଆରେ ନନ୍ଦନକାନନରେ ରୋପ୍‌ୱେ ଚାଲୁଥିଲା। ରୋପ୍‌ୱେରେ ଗୀତର କେତେ ଭାଗ୍ ଶୁଟିଂ ହେବାର ଥିଲା। ସେଥିର୍‌ଲାଗି ସବୁ ସଜ୍‌ବାଜ୍ ହେଇଥିଲା। ରୋପ୍‌ୱେରେ ମୋର ସଂଗେ କଷ୍ଟ୍ୟୁମ୍ ମ୍ୟାନ, ମେକଅପ୍ ମ୍ୟାନ୍ ଯାଉଥାଆନ୍। କେତେ ବାଟ୍ ଯାଇଛୁଁ ହଠାତ୍ ରୋପ୍‌ୱେର ତାର ଛିଡ଼ିଗଲା। ତଲୁ ପାଖାପାଖି ୫୦ ଫୁଟ୍ ଉପ୍‌ରେ ଆମେ ଝୁଲି ରହିଗଲୁଁ। ସେ ସମିଆରେ ମୁଇଁ କେତେଟା ଫିଲ୍ମରେ କାମ୍‌କରି ସାରିଥାଏଁ। ଫିଲ୍ମରେ ହିରୋ ହେଉଥିବାର ଲାଗି ଫାଇଟିଂ କର୍‌ବାର, ଘର୍ ଉପ୍‌ରୁ ତଲ୍‌କେ ଡେଗ୍‌ବାର, ଗୁଟେ ବସ୍‌ରୁ ଆର୍ ଗୁଟେ ବସ୍‌କେ ଡେଗ୍‌ବାର ଲେଖେନ୍ ଶଟ୍ ଦେଇସାରିଥାଏଁ। କେତେ ଲୋକ୍ ଭାବୁଥାଆନ୍ ହିରୋମାନେ ମୁଇଁ ସବୁ କରିପାର୍‌ମି। ଆମେ ଝୁଲି ରହିଥିବାର ଜାଗାର ତଲେ ବହୁତ୍ ଲୋକ୍ ଜମା ହେଇଥାଆନ୍। ତାକର ଭିତ୍‌ରୁ କେତେ ଲୋକ୍ ମତେ କହୁଥାଆନ୍ ଡଁଦାବୁରା ନାଇଁ ହେଉନ୍ ଆପନ୍‌କର କିଛି ନାଇଁ ହୁଏ, ଆପନ୍ ହିରୋ। ହେନୁ ବି ଆପନ୍ ଡେଗି ପାର୍‌ବେ। ସେମାନ୍‌କର କଥା ଶୁନି ମତେ ଟିକେ ସାହାସ୍ ମିଲ୍‌ଲା ଲେଖେଁ ଲାଗୁଥାଏ। ମୋର ସଂଗେ ଥିବାର ମେକଅପ୍ ମ୍ୟାନ୍ ଭାଇ ଝନ୍‌କ ପୂରା ଡରି ଯାଇଥାଆନ୍। ମୋର୍ ଛୋଟ୍ ଛୋଟ୍ ଛୁଆ, ଇନ୍‌ସ୍ୟୁରାନ୍ସ ରିନ୍ୟୁ ନାଇଁକରି, ଯଦି ଏହେଦେ ମୁଇଁ ମରିଯିମି ତ କେନ୍‌ତା ହେବା ବଲି କାଁନ୍ଦୁଥାଆନ୍। ତାକର ଅବସ୍‌ତା ଦେଖି ମତେ ହଁସା ଲାଗୁଥାଏ। ଇତାର ଭିତ୍‌ରେ ଆମ୍‌କୁ ସେଠାନୁ ବାହାର କର୍‌ବାର ଲାଗି ଉଧାରକାରୀ ଦଲ୍‌କେ ଡକାଯାଇଥାଏ। ଆମକୁ କହୁଥାଆନ୍ କି ବେଶି ହଲାଝୁଲା ନାଇଁକର କି ଠିଆ ନାଇଁ ହୁଅ। ସେନୁ ଆମେ ବିପଦ୍ ଅବସ୍‌ତାରେ ଅଛୁଁ ବଲି ବୁଝି ଯାଇଥିଲୁଁ। ୨ ଘଁଟା ଉତାରୁ ଉଧାରକାରୀ ଦଲ୍ ଆସି ପୁହୁଁଚିଲେ। ସେମାନେ ତାର ଉପ୍‌ରେ ଚଢ଼ି ଆଏଲାରୁ ସେଟା ବହୁତ୍ ଜୋର୍‌ରେ ହଲୁଥାଏ। ବଡ଼ା କଷ୍ଟେ ସେମାନେ ଆଏଲେ, ଆମେ ଉତିର୍‌ବାର ଲାଗି ରଶି ଆର୍ ନିଶାନି ଲଗେଇଥିଲେ। ସେ ନିଶାନିରେ ତର୍‌କି କରି ନାଇଁ ଉତିର୍‌ଲେ ସେଟା କିଁଦ୍‌ରି ଯିବା। ଆମର ମେକଅପ୍ ମ୍ୟାନ୍ ଭଏରେ ଡଁଦାବୁରା ହେଇ ଉତିର୍‌ଲା ବେଲେ ସେ ନିଶାନି କିଁଦ୍‌ରିଗଲା। ଯେନ୍‌ଥିର୍‌ଲାଗି ତାହାକୁ ବଡ଼ା କଷ୍ଟେ ଉଧାର କରାଗଲା। ତ'ପରେ ମୁଇଁ ଆର୍ ଆମର କଷ୍ଟ୍ୟୁମ୍ ମ୍ୟାନ ଉତିର୍‌ଲୁଁ। ସେଠାନେ ଥିବାର ସବୁ ଲୋକ୍ ତାଲି ମାରିଥିଲେ। ଆଜି ବି ସେଦିନର ସେ ୨ ଘଁଟାକେ ପାସ୍‌ରି ନାଇଁହୁଏ।

–ରିପୋର୍ଟ: ବନ୍ଦନା ସେଠୀ



# ଚିଜ୍ ଚିକେନ୍ ବମ୍

## ଖାଦ୍ୟରୁଚି



ଚଳିତ ସପ୍ତାହରେ ଖାଦ୍ୟରୁଚି ସ୍ତମ୍ଭରେ ସ୍ଥାନପାଇଛି ଚିକେନ୍‌ରେ ପ୍ରସ୍ତୁତ ଏକ ସୁଆଦିଆ ଡିସ୍, ଯାହାକୁ ଆପଣ ସ୍ନାକ୍ସ ଭାବେ ଖାଇପାରିବେ। ଅତି ସହଜରେ ଏବଂ କମ୍ ସମୟରେ ପ୍ରସ୍ତୁତ ହୋଇ ପାରୁଥିବା ଏହି ଡିସ୍ ହେଉଛି 'ଚିଜ୍ ଚିକେନ୍ ବମ'। ଏହାର ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ରିସେସ୍ ରେଷ୍ଟୁରାଣ୍ଟର ସେଫ୍ ଉମାକାନ୍ତ ପାଣି।

### ଆବଶ୍ୟକ ସାମଗ୍ରୀ

- ବୋନଲେସ୍ ଚିକେନ୍ ୧୫୦ ଗ୍ରାମ୍
- ୨ଟି ପିଆଜ (ଛୋଟ ଛୋଟ କଟା)
- ଛୋଟ ଛୋଟ କଟା ଅଦା ୨ ଚାମଚ୍
- ଛୋଟ ଛୋଟ କଟା ରସୁଣ ୨ ଚାମଚ
- ଛୋଟ ଛୋଟ କଟା କଞ୍ଚାଲଙ୍କା ୧ ଚାମଚ
- ଜିରା ଗୁଣ୍ଡ ୧ ଚାମଚ
- ଧନିଆ ଗୁଣ୍ଡ ୧ ଚାମଚ
- ଗରମ ମସଲା ୧ ଚାମଚ
- ଗୋଲମରିଚ ଗୁଣ୍ଡ ୧ ଚାମଚ
- ଗ୍ରେଟେଡ୍ (କୋରା) ଚିଜ୍ ୪୦ ଗ୍ରାମ୍
- ଅଣ୍ଡା ଗୋଟିଏ
- ବ୍ରେଡ୍ ଗୁଣ୍ଡ ଅଳ୍ପ ପରିମାଣର
- ରିଫାଇନ୍ ତେଲ ୨୦୦ ଗ୍ରାମ
- ଲୁଣ ସ୍ୱାଦ ଅନୁଯାୟୀ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲଭାବେ ଧୋଇ ରଖିଦେବେ। ଗ୍ରାଇଣ୍ଡର ଦ୍ୱାରା ଚିକେନ୍‌କୁ ଅଳ୍ପ ଖଣ୍ଡ ରଖି ବାଟିଦେବେ। ଏବେ ସେଥିରେ କଟା ହୋଇ ରହିଥିବା ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଗରମ ମସଲା ଗୁଣ୍ଡ ଏବଂ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳା (ବଲ୍ ଆକାରର)କରି ଏକ ପାତ୍ରରେ ରଖନ୍ତୁ। ଚିକେନ୍ ବଲ ଉପରେ ଅଳ୍ପ ଅଳ୍ପ କରି ଚିଜ୍ ପକାନ୍ତୁ। ଅନ୍ୟ ଏକ ପାତ୍ରରେ ଅଣ୍ଡାକୁ ଭାଙ୍ଗି ଭଲଭାବେ ଫେଣ୍ଟି ଦିଅନ୍ତୁ। ଏବେ ଚିକେନ୍ ବଲରେ ଅଣ୍ଡାର ମିଶ୍ରଣ ଲଗାଇ ତାହାକୁ ବ୍ରେଡ୍ ଗୁଣ୍ଡରେ ଗୋଳାଇ ଦିଅନ୍ତୁ। ଧ୍ୟାନ ରଖିବେ ଯେପରି ଚିକେନ୍ ବଲ୍‌ର ସମସ୍ତ ପାର୍ଶ୍ୱରେ ବ୍ରେଡ୍ ଗୁଣ୍ଡ ଲାଗିଥିବ। ଏହାପରେ କଡେଇରେ ତେଲ ଗରମ କରି ସେଥିରେ ଚିକେନ୍ ବଲ୍‌କୁ ପକାଇ ଫ୍ରାଏ କରନ୍ତୁ। ହାଲ୍‌କା ଲାଲ୍ ହୋଇ ଆସିଲା ବେଳକୁ ତାହାକୁ ପାତ୍ରକୁ କାଢି ଆଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ଚିଜି ଚିକେନ୍ ବମ୍'।

– ରିପୋର୍ଟ: ବନ୍ଦନା ସେଠୀ

# ସେଲ୍ଫି କର୍ଣ୍ଣର


@ ବଞ୍ଚାବତ


@ ମହେଶ୍ୱତା


@ ସୌଭାଗ୍ୟ


@ ସ୍ମିତା


@ ଶୁଭାଶିଷ


@ ଭବାନୀଶଙ୍କର


@ ଶିବରାମ


@ ମଦନ


@ ଅଙ୍କିତ୍


@ ଦୁର୍ଗାପ୍ରସାଦ


@ ରିଙ୍କୁ


@ ଲିଲୁ


@ ଅନୁପମା


@ ସୂର୍ଯ୍ୟ


@ ଦେବେନ୍ଦ୍ର

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଲର୍ଡ ଗୁଞ୍ଜନ ପ୍ୟାଲେସ୍




– ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର

ଫଟୋ: ବିକାଶ ନାୟକ

ଗୃହ ପ୍ରବେଶ: ୧୯୯୭

ଲୋକ ସଂଖ୍ୟା: ୩୦୦ରୁ ଊର୍ଦ୍ଧ୍ୱ

ଫ୍ଲାଟ ସଂଖ୍ୟା: ୬୧

ସଂଗଠନ: ଲର୍ଡ ଗୁଞ୍ଜନ ପ୍ୟାଲେସ ରେସିଡେଣ୍ଟ ଓ୍ୱେଲଫେୟାର ସୋସାଇଟି

ସଭାପତି: ଡ. ଶୈଳେଶ୍ୱର ନନ୍ଦ

ସମ୍ପାଦିକା: ପ୍ରୀତି ଶରିଫ

କୋଷାଧ୍ୟକ୍ଷ: ରାକେଶ ସାହୁ

ବମିଖାଲ ଛକ ନିକଟ ଏସ୍ପ୍ଲାନେଡ ୱାନ୍ ପାର୍ଶ୍ୱରେ ରହିଛି ଲର୍ଡ ଗୁଞ୍ଜନ ପ୍ୟାଲେସ ଆପାର୍ଟମେଣ୍ଟ। ଏହା ରାଜଧାନୀର ଏକ ଜଣାଶୁଣା ଆପାର୍ଟମେଣ୍ଟ। ନବେ ଦଶକର ଶେଷ ଭାଗରେ ଏହା ତିଆରି ହୋଇଛି। ଆଧୁନିକ ଡିଜାଇନ ଏବଂ ଏଠାରେ ଉପଲବ୍ଧ ହେଉଥିବା ସେବା ମେଟ୍ରୋ ସହର ଆପାର୍ଟମେଣ୍ଟଠାରୁ କିଛି କମ୍ ନୁହେଁ। ସୁରକ୍ଷା ସାଙ୍ଗକୁ ୨୪ ଘଣ୍ଟିଆ ପାଣି, ବିଦ୍ୟୁତ୍ ଏବଂ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥା ରହିଛି। ଆପାର୍ଟମେଣ୍ଟରେ ଥିବା ରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ ବେଶ୍ ଧୁମଧାମରେ ପାଳନ କରାଯାଏ। ଏଠାରେ ରହୁଥିବା ବାସିନ୍ଦାମାନେ ମିଳିମିଶି ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ଆପାର୍ଟମେଣ୍ଟ କଡ଼ରେ ଏସ୍ପ୍ଲାନେଡ୍ ମଲ୍ ଖୋଲିଯିବା ପରେ ଏହାର ଗୁରୁତ୍ୱ ପୂର୍ବାପେକ୍ଷା ବୃଦ୍ଧି ପାଇଛି।

## ଏକତା ଓ ଭାଇଚାରାକୁ ପ୍ରାଧାନ୍ୟ ଦିଆଯାଏ



ଲର୍ଡ ଗୁଞ୍ଜନ ପ୍ୟାଲେସ ଆପାର୍ଟମେଣ୍ଟ ରାଜଧାନୀର ଏକ ପରିଚିତ ଆପାର୍ଟମେଣ୍ଟ। ଏହା ଗୋଟିଏ ବଡ ପରିବାର। ଏହି ପରିବାରର ଦାୟିତ୍ୱ କିପରି ସୁଚାରୁରୂପେ ତୁଲାଇବି ସେଥିପାଇଁ ସର୍ବଦା ଚେଷ୍ଟା କରେ। ଏଠାରେ ଏକତା ଏବଂ ଭାଇଚାରାକୁ ପ୍ରାଧାନ୍ୟ ଦିଆଯାଏ। ଆପାର୍ଟମେଣ୍ଟର ପ୍ରତ୍ୟେକ ସଦସ୍ୟ ନୀତି ନିୟମକୁ ମାନି ଚଳନ୍ତି। ପ୍ରାୟ ୧୫ ବର୍ଷ ହେବ ପ୍ରତିବର୍ଷ ମେ ୮ରେ ରାଧାମାଧବଙ୍କ ମନ୍ଦିର ବାର୍ଷିକ ଉତ୍ସବ ପାଳନ କରିଥାଉ। ଭୋଜିଭାତର ଆୟୋଜନ କରାଯିବା ସହ ନାମୀଦାମୀ କଳାକାରଙ୍କୁ ନେଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ। ଶାନ୍ତି ଶୃଙ୍ଖଳାରେ କିପରି ସମସ୍ତ କାର୍ଯ୍ୟ ସରିବ ତାହାକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ।

– ଡ. ଶୈଳେଶ୍ୱର ନନ୍ଦ, ସଭାପତି

## ସୁରକ୍ଷାକୁ ଗୁରୁତ୍ୱ ଦେଉ



ଆପାର୍ଟମେଣ୍ଟରେ ରହୁଥିବା ୬୧ ପରିବାରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଥାଉ। ଅନ୍ୟ ଆପାର୍ଟମେଣ୍ଟ ତୁଳନାରେ ଏଠାରେ ସିକ୍ୟୁରିଟି ବ୍ୟବସ୍ଥା କଡ଼ାକଡ଼ି ରହିଛି। କୌଣସି ଅପରିଚିତ ଲୋକ ଫ୍ଲାଟର କାହାକୁ ଭେଟିବାକୁ ଚାହୁଁଥିଲେ, ଉକ୍ତ ସଦସ୍ୟଙ୍କ ସହ ଟେଲିଫୋନରେ ଯୋଗାଯୋଗ ପରେ ଯିବାକୁ ଅନୁମତି ଦିଆଯାଇଥାଏ। ଫ୍ଲାଟ ବାସିନ୍ଦାଙ୍କ ସୁବିଧା ଅସୁବିଧାରେ ସମସ୍ତେ ପରସ୍ପରଙ୍କୁ ସହଯୋଗର ହାତ ବଢାଇଥାନ୍ତି। ପୂଜା ପର୍ବରେ ପରସ୍ପର ଭିତରେ ପିଠାପଣା ଦିଆନିଆ ହୋଇଥାଏ। ଫ୍ଲାଟରେ ସର୍ବଦା କିପରି ଏକତା ଓ ଶାନ୍ତି ବଜାୟ ରହିବ ସେନେଇ ଚେଷ୍ଟା କରିଥାଉ। କୌଣସି ଫ୍ଲାଟରେ କିଛି ସମସ୍ୟା ଦେଖାଗଲେ ତୁରନ୍ତ ସମାଧାନ କରାଯାଇଥାଏ।

– ପ୍ରୀତି ଶରିଫ, ସମ୍ପାଦିକା

## ବର୍ଷକୁ ଥରେ ରକ୍ତଦାନ ଶିବିର କରାଯାଏ



ମହିଳାମାନେ ଏକାଠି ହୋଇ ଆପାର୍ଟମେଣ୍ଟ ଭିତରେ ବର୍ଷକୁ ଥରେ ରକ୍ତଦାନ ଶିବର ଆୟୋଜନ କରନ୍ତି। ଅନାଥ ଆଶ୍ରମରେ ଥିବା ପିଲାମାନଙ୍କୁ ସାହାଯ୍ୟ ସହଯୋଗ କରାଯାଇଥାଏ। ବରିଷ୍ଠ ନାଗରିକମାନଙ୍କର ଯେପରି କୌଣସି ସମସ୍ୟା ନ ହୁଏ ସେନେଇ ଆଲୋଚନା ହୋଇଥାଏ। ଆପାର୍ଟମେଣ୍ଟରେ ରହିଲେ ବ୍ୟକ୍ତିଗତ ଭାବେ ସମସ୍ତଙ୍କ ସହ ବନ୍ଧୁତା ସମ୍ପର୍କ ସ୍ଥାପନ ହୋଇଥାଏ। ଏଠାରେ ନିରାପତ୍ତା ବ୍ୟବସ୍ଥା ଅନ୍ୟ ସ୍ଥାନ ତୁଳନାରେ ଯଥେଷ୍ଟ ଅଧିକ। ଚୋରିର ଭୟ ନ ଥାଏ। ତେଣୁ ୨/୩ ମାସ ଧରି ଘରେ ତାଲା ପକାଇ ନିଶ୍ଚିନ୍ତରେ ବାହାରକୁ ଚାଲିଯାଉ। ନିଜେ ବ୍ୟକ୍ତିଗତ ଜୀବନରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାମ କରୁଥିବାରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ସହଯୋଗ କରିଥାଏ।

– ଡା. ସଂଯୁକ୍ତା ମହାପାତ୍ର, ବାସିନ୍ଦା

## ପର୍ବପର୍ବାଣି

ଜନ୍ମାଷ୍ଟମୀ, ଗଣେଶ ପୂଜା, ସରସ୍ୱତୀ ପୂଜା, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ହୋଲି ଆଦି ଆଡ଼ମ୍ବର ସହକାରେ ଏଠାରେ ପାଳନ କରାଯାଏ। ଏହି ସମୟରେ ଆପାର୍ଟମେଣ୍ଟରେ ରହୁଥିବା ପରିବାର ମିଳିମିଶି ଉପଭୋଗ କରିଥାନ୍ତି। ରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ ଦିନ ସମସ୍ତ ଲୋକ ଏକାଠି ହୁଅନ୍ତି। ହୋଲିରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ମିଳିମିଶି ରଙ୍ଗ ଖେଳନ୍ତି।

## ଏଠାରେ ସମସ୍ତ ସୁବିଧା ମିଳୁଛି

ସୋସାଇଟିରେ କର୍ମକର୍ତ୍ତାଙ୍କ ବ୍ୟବହାର ବହୁତ ଭଲ। ବିଭିନ୍ନ ପର୍ବପର୍ବାଣିକୁ ସମସ୍ତେ ମିଳିମିଶି ପାଳନ କରିଥାନ୍ତି। ଏବେ ଆପାର୍ଟମେଣ୍ଟ ବାମପାର୍ଶ୍ୱରେ ଏସ୍ପ୍ଲାନେଡ୍ ମଲ୍ ଖୋଲିଯିବାରୁ ଜିନିଷପତ୍ର କିଣାକିଣି କରିବାକୁ ଆହୁରି ସୁବିଧା ହୋଇଛି। ଏଠାରେ ପାଣି ଏବଂ ବିଦ୍ୟୁତ ସୁବିଧା ସବୁବେଳେ ଉପଲବ୍ଧ। ପରିମଳ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନ କରାଯାଉଛି। ପରିଷ୍କାର ପରିଚ୍ଛନ୍ନତା ଓ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉଥିବାରୁ ଏଠାରେ ରହିବାକୁ ବହୁତ ଭଲ ଲାଗେ।

– ବିଭୁ ପ୍ରସାଦ ମହାପାତ୍ର, ଫ୍ଲାଟ ବାସିନ୍ଦା



## ମାର୍କେଟ୍‌ରେ ନୂଆ

### ଟିଭିଏସ୍ ରାଡେଅନ୍

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ବଜାରକୁ ଆସିଛି ନୂଆ ୧୧୦ ସିସି ମୋଟର ବାଇକ୍ ରାଡେଅନ୍। ନୂଆ ମଡେଲର ବଜାର ଦର ୪୮,୪୦୦ ଟଙ୍କା ରହିଛି। ଏଥିରେ ସଙ୍କ୍ରୋନାଇଜଡ ବ୍ରେକିଂ ଟେକ୍ନୋଲୋଜି, କାର ଭଳି ସ୍ପିଡୋମିଟର, ଲାର୍ଜେଷ୍ଟ ସିଟ୍ ରହିଛି। ସେହିଭଳି କ୍ରୋମ୍ ସାଇଲେନ୍ସର, ପେଟ୍ରୋଲ ଟାଙ୍କି ଉପରେ ଥିକ୍ ପ୍ୟାଡ ସୁବିଧା, ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ପ୍ରିମିୟମ ଫିଲ୍ କଣ୍ଟ୍ରୋଲ, ବିଗର ହ୍ୱିଲ୍, ସ୍ମାର୍ଟ ଚାର୍ଜର ଭଳି ଅନ୍ୟାନ୍ୟ ପ୍ରମୁଖ ବୈଷିଷ୍ଟ୍ୟ ଏଥିରେ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।



### ଆଡିଡାସ ପିୟୋର ବୁଷ୍ଟ ଗୋ

ଆଡିଡାସ ପକ୍ଷରୁ ବଜାରକୁ ଆସିଛି ନୂଆ ପିୟୋର ବୁଷ୍ଟ ଗୋ। ଏହା ଦୌଡାଳିଙ୍କ ପାଇଁ ବିଶେଷ ଭାବେ ଉପାଦେୟ ହୋଇପାରିବ। ଏହା ଉନ୍ନତ ଅନୁଭୂତି ପ୍ରଦାନ କରିବାରେ ବିଶେଷ ଭାବେ ସହାୟକ ହେବ। ସମସ୍ତଙ୍କ ବ୍ୟବହାରରେ ଆସି ପାରିବ। ଏହି ବ୍ରାଣ୍ଡରେ ନୂତନ ଏକ୍ସପାଣ୍ଡେଡ ଲ୍ୟାଣ୍ଡି ଜୋନ ଡିଜାଇନ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଷିଷ୍ଟ୍ୟ ରହିଛି। ଏହା କଳା, ଧୂସର, ଧଳା, ଫିକା ଧୂସର ରଙ୍ଗରେ ଉପଲବ୍ଧ ହେବ। ଏହାର ବଜାର ଦର ୧୧,୯୯୯ ଟଙ୍କା ରହିଛି।



# 'କୋରାପୁଟର ପ୍ରକୃତି ମତେ କବି କରିଛେ'



**ନିଜ୍ କଥା**

**◈ କାହାର ପେର୍‌ନାରେ ଲେଖ୍‌ବାର ଆରମ୍ କରିଥିଲେ?**
କୋରାପୁଟରେ ଯେନ୍‌ଦିନ୍‌ଠାନୁ ଟ୍ରେନିଂ ନେଲି ସେଦିନ୍‌ଠାନୁ ସାହିତିଅ ଉପ୍‌ରେ ମୋର ଦୁର୍‌ବଲ୍‌ତା ରହିଛେ। ଯଦି ସାହିତିଅ ଉପ୍‌ରେ ମୁଇଁ ଆକ୍‌ରୁଷ୍‌ଟ ହେଇଛେଁ, ଆଗ୍‌ରହ ବଢ଼ିଛେ, ତ ତାର ଦୁଇଟା କାରନ୍ ଅଛେ। ଗୁଟେ ହେଉଛେ କୋରାପୁଟର ପ୍ରକୃତି ଆଉର ଗୁଟେ ହେଉଛେ ମୁଇଁ ବହୁତ୍ ପଢ଼୍‌ସିଁ। କହେବାକେ ଗଲେ କୋରାପୁଟର ପ୍ରକୃତି ମୋତେ କବି କରିଛେ।

**◈ କାହାର ଲେଖା ପଢ଼୍‌ବାକେ ଭଲ୍ ଲାଗ୍‌ସି?**
ସେନ୍‌ତା କିଛି ଠିକ୍ ନାଇଁ। ଓଡ଼ିଆ ସାହିତିଅରେ ମୁଇଁ ସମ୍‌କର ଲେଖା ପଢ଼ିଛେଁ।

**◈ ଆପନକର ଆଦର୍ଶ କିଏ ?**
ମୋର୍ ଆଦର୍ଶ କେହି ନାଁଇଁନ। ମୁଇଁ ବହୁତ୍ ପରିଶ୍‌ରମ କରି ନିଜର ଗୁଡେ ନିଜେ ଠିଆ ହେଇଛେଁ। ଯଦି ମନ୍ ଭିତ୍‌ରେ ଭଲ୍ ଭାବ୍‌ନା ଅଛେ, ତ ନିହାତି ସଫଲ୍‌ତା ମିଲ୍‌ବା ବଲି ମୁଇଁ ବିଶାସ୍ କର୍‌ସିଁ।

**◈ କେତେ ମନେ ରଖ୍‌ଲା ଲେଖେନ୍ ଦିନ୍?**
ଓଏଏସ୍ ପାଏଲା ଉତାରୁ ଭାଇଭା ଲାଗି କଟକ ଖପୁରିଆରୁ ମୁଇଁ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଥିବାର ଓପିଏସ୍‌ସି ଅଫିସ୍‌କେ ରିକ୍ସାରେ ଯାଉଥିଲି। ରାସ୍‌ତାରେ ଗଲାବେଲେ ମୋର ଆଘେ ତିନ୍‌ଟା ଗାଡ଼ି ଯାଉଥିଲା। ଆଶିରିଯ୍‌ର କଥା, ସେ ତିନ୍‌ହିଁ ଗାଡ଼ିର ନମ୍ବର 'ଓଏସ୍' ଥିଲା। ସେ ନମ୍ବରକେ ଦେଖି ମୋର ଆତ୍‌ମବିଶ୍ବଆସ ବଢ଼ିଥିଲା ଯେ ମୁଇଁ ନିହାତି ଓଏଏସ୍ ପାଏମି। ଯେନ୍‌ଦିନ ରେଜଲ୍ଟ ବାହାର୍‌ଲା, ଓଏଏସ୍ ପାଇଥିବାର ଜାନି ବହୁତ୍ ଖୁସ୍ ଲାଗ୍‌ଲା ଆର୍ ସେ ଦିନ୍‌ଟା ମୋର ଶୋରପଡ଼ିଗଲା। ସେ ଦିନ୍‌ଟା ସବୁଦିନର ଲାଗି ମୋର ମନେ ରହେବା। ମୋର ମା'ର ମୁର୍‌ତୁ ଦିନ୍‌ଟା ହେଉଛେ ମୋର୍ ଜୀବନ୍‌ର ସବୁଠାନୁ ଦୁଖର୍ ଦିନ୍।

**◈ ପହେଲା ଦର୍‌ମା କେନ୍‌ଥିରେ ଖରଚ୍ କରିଥିଲେ?**
ମୁଇଁ ୨ ହଜାର ଟଁକା ପାଇଥିଲି। ପହେଲା କୋରାପୁଟରେ ଥିବାର ଶାବର ଶ୍ରୀକ୍ଷେତ୍ରରେ ଭୋଗ୍ ଲଗେଇଥିଲି। ଆଉର କେତେ ଟଁକା ସାଂଗ୍‌ସାଥିକର ସଂଗେ ଭୁଜିଭାତ୍ କରିଥିଲି। ବାକି ଟଁକା ନିଜର ଲାଗି ଖରଚ୍ କରିଥିଲି।

**◈ ଫିଲ୍ମ ଦେଖ୍‌ସନ୍ କାଏଁ?**
ବହୁତ୍ ଦେଖ୍‌ସିଁ। କଲେଜ୍‌ରେ ପାଠ୍ ପଢ଼୍‌ଲା ବେଲେ ଯେନ୍‌ଦିନ ଫିଲ୍ମ ରିଲିଜ୍ ହେସି, ସବୁବେଲେ ସେଦିନ ଦେଖ୍‌ବାର ଇଛା ଥାଏ। ବ୍ଲାକ୍‌ରେ ହେଉ ପଛେ, ଟିକେଟ୍ କରି ଫିଲ୍ମ ଦେଖୁଥିଲି। ଏହେଦ୍‌କା ସମିଆ ଅଭାବ୍‌ରୁ ଆର୍ ନାଇଁ ଦେଖିହେବାର। ସଫ୍ଟ ରୋମାଣ୍ଟିକ୍ ଫିଲ୍ମ ଦେଖ୍‌ବାକେ ଭଲ୍ ଲାଗ୍‌ସି। ହିନ୍ଦୀ ଫିଲ୍ମ 'ଏକ ଦୁଜେ କେଲିୟେ' ବହୁତ୍ ଭଲ୍ ଲାଗିଥିଲା।

**◈ ଗୀତ୍ ଶୁନ୍‌ସନ୍ କାଏଁ?**
ସବୁବେଲେ ଶୁନ୍‌ସିଁ। ଗୀତ୍ ଉପ୍‌ରେ ମୋର ଦୁର୍‌ବଲ୍‌ତା ଅଛେ। ମୁଇଁ ନିଜେ ଗୀତ୍ ବାଁଧ୍‌ସିଁ। ମୋର ବହୁତ୍ ଗୀତ୍ ଅଲ୍ ଇଣ୍ଡିଆ ରେଡିଓ ଆର୍ ଦୂରଦର୍ଶନରେ ବାଜିଛେ।

**◈ କେନ୍‌ତା ଗୀତ୍ ଶୁନ୍‌ବାକେ ଭଲ୍ ଲାଗ୍‌ସି ଆର୍ ପସନ୍‌ର କଁଠ୍‌ଶିଲ୍‌ପି କିଏ?**
ପୁର୍‌ନା ଭିତ୍‌ରେ ଚିତ୍ତ ଜେନା ଆର୍ ନୂଆଁପିଢ଼ିରେ ହ୍ୟୁମାନ ସାଗର, ଅସୀମା ପଣ୍ଡାକଁର ଗୀତ୍ ବହୁତ୍ ଭଲ୍ ଲାଗ୍‌ସି। ଆଧ୍ୟାତ୍ମିକ ଗୀତ୍‌ରେ ପ୍ରଫୁଲ୍ଲ କରକଁର ଗୀତ୍ ଭଲ୍ ଲାଗ୍‌ସି।

**◈ ସମିଆ ମିଲ୍‌ଲେ କାଣା କର୍‌ସନ୍?**
ଖାଲି ପଢ଼୍‌ସିଁ। କେତେବେଲେ କେନ୍‌ତା ଟିଭି ଦେଖ୍‌ସିଁ।

**◈ ଟିଭିରେ କାଣା ଦେଖ୍‌ବାକେ ପସନ୍ କର୍‌ସନ୍?**
ନ୍ୟୁଜ୍ ଦେଖ୍‌ବାକେ ଅଧିକା ପସନ୍ କର୍‌ସିଁ। ଇାତାର ବାହାରେ ସଂଗୀତ୍‌ଭିତିକ୍ କାଯ୍‌କରମ୍ ଦେଖ୍‌ସିଁ।

**◈ ଖେଲ୍‌କୁଦ୍ ଦେଖ୍‌ବାକେ ଭଲ୍ ପାଏସନ୍ କାଏଁ?**
ସବୁ ଖେଲ୍‌କୁଦ୍ ଭିତ୍‌ରେ କ୍ରିକେଟ ମୋତେ ସବୁଠାନୁ ଜହ ଭଲ୍ ଲାଗ୍‌ସି। ଆଗ୍‌ରୁ ରବି ଶାସ୍ତ୍ରୀକଁର ବୋଲିଂ ଭଲ୍ ଲାଗୁଥିଲା, ଏହେଦେ ବିରାଟ କୋହଲିକଁର ବ୍ୟାଟିଂ ବହୁତ୍ ଭଲ୍ ଲାଗୁଛେ।

**◈ କେନ୍ ପର୍‌କାର ପିଁଧନ୍‌ଉଢ଼ନ୍ ପସନ୍ କର୍‌ସନ୍?**
ସବୁବେଲେ ଫର୍ମାଲ ପିଁଧ୍‌ବାକେ ପସନ୍ କର୍‌ସିଁ। ହେଲେ କଳା ଆର୍ ଧଳା ହେଉଛେ ମୋର ପସନ୍‌ର ରଂଗ୍।

**◈ ବାହାରକେ ବୁଲିଯିବାକେ ପସନ୍ କର୍‌ସନ୍ କାଏଁ?**
ହଁ। ନୂଆଁ ଅନୁଭୂତି ସାଉଁଟିବାକେ ବାହାରକେ ବୁଲିଯାଏସିଁ। ପଛେ ସେଟାକେ ଲେଖା ଜରିଆରେ ପର୍‌କାଶ କର୍‌ସିଁ। ବୁଲିଥିବାର ଜାଗାମାନ୍‌କର ଭିତ୍‌ରୁ କୋରାପୁଟ ଆକୃଷ୍ଟ କରିଛେ।

**◈ ରଁଧାବଢ଼ା ଜାନ୍‌ସନ୍ କାଏଁ?**
ବିଲ୍‌କୁଲ୍ ନାଇଁ ଜାନେଁ। ରଁଧାବଢ଼ା ଉପ୍‌ରେ ମୋର ବହୁତ୍ ଆଲର୍ଜି। ରଁଧାଘର୍‌କେ ବି ନାଇଁ ଢୁକେଁ।

**◈ ସହଧର୍ମିଣୀକଁର କେନ୍ ଗୁନ୍ ଆପନ୍‌କୁ ଭଲ୍ ଲାଗ୍‌ସି?**
ଯଦି ତାକର କେହେନ୍‌ସି ଗୁନ୍ ଭଲ୍ ଲାଗ୍‌ସି ତ ସେଟା ହେଉଛେ ସହନ୍‌ଶୀଲ୍‌ତା। ସେ କେଭେ ଜବାବ୍ ନାଇଁ ଦିଅନ୍।

**– ସାକ୍ଷାତ୍: ଅସମାପିକା ସାହୁ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ୍‌ର ଅତିରିକ୍ତ ଶାସନ ସଚିବ ହିସାବେ କାଯ୍‌କରୁଛନ୍ ଧନଞ୍ଜୟ ସ୍ବାଇଁ। ରେଭେନ୍‌ଶାରେ ଇଣ୍ଟରମେଡିଏଟ୍, ଗ୍ରାଜୁଏଶନ ସାରି ସେ ବାଣୀବିହାରରେ ଇତିହାସରେ ପିଜି କରିଥିଲେ। ତା'ପରେ ୧୯୮୯ରେ ଦିଲ୍ଲୀ ବିଶ୍ବବିଦ୍ୟାଳୟରେ ଇତିହାସରେ 'ବୁଦ୍ଧିଷ୍ଟ ଷ୍ଟଡିଜ୍'ରେ ଏମ୍‌ଫିଲ୍ କରିଥିଲେ। ୧୯୯୦ରେ ସେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପାଇ ୧୯୯୩ରେ କୋରାପୁଟରେ ଟ୍ରେନିଂ ରିଜର୍ଭ ଅଫିସର ହିସାବେ କାଯ୍ ଆରମ୍ କରିଥିଲେ। ପଛେ ପଞ୍ଚାୟତିରାଜ, ରାଜସ୍ବ, ସଂସ୍କୃତି ଲେଖେନ୍ ଭିନେ ଭିନେ ବିଭାଗରେ କାମ୍ କରିଛନ୍। ଝନେ ନାଁକରା କବି ହିସାବେ ସେ ଜନାଶୁନା। ଆଏଜ୍‌ତକ୍ ତାକର ୮ଟା କବିତା ବହି ପର୍‌କାଶିତ ହେଇସାରିଥିଲା ବେଲେ କବି ତଥା ପର୍‌ଶାସକକଁର କେତେ ନିଜ୍ କଥାକେ ନେଇ ଇ ଉପସ୍‌ଥାପନା।

---

**ଫିଟ୍ ନେସ୍**

# ଶୁଇବାକେ ଗୁରୁତ୍ ଦେସିଁ




ଓଡ଼ିଆ ଟେଲିଭିଜନ ଜଗତ୍‌ର ଝନେ ଲୋକ୍‌ପିରିଅ ଅଭିନେତା ଚିନ୍ମୟ ମିଶ୍ର। ୧୨ରୁ ଅଧିକା ଟେଲି ଧାରାବାହିକ୍‌ରେ ନିଜର ଅଭିନଏ ଯାଦୁ ଦେଖେଇ ସାରିଥିବାର ଚିନ୍ମୟ ନିଜର ରିୟଲିଷ୍ଟିକ୍ ଆକ୍ଟିଂ ଲାଗି ଓଡ଼ିଶାର ଘରେ ଘରେ ପରିଚିତ୍। ଏହେଦ୍‌କା ନିଜର ଅପ୍‌କମିଙ୍ଗ ହାଇବଜେଟ୍ ଓଡ଼ିଆ ଫିଲ୍ମ 'ପାଟଣାଗଡ଼'କେ ନେଇ ଏହେଦେ ବନେ ଚର୍‌ଚାଥି ଅଛନ୍। ଇ ଅଭିନେତା ଆଗ୍‌ରୁ 'ରଜା ଝିଅ ସାଙ୍ଗେ ହୋଇଗଲା ଭାବ', 'ଟୁ ଡିଜାୟାର୍ସ ଆଣ୍ଡ ଏ ଡ୍ରିମ୍' ଲେଖେଁ ଓଡ଼ିଆ ଆର୍ ହିନ୍ଦୀ ଫିଲ୍ମରେ ଅଭିନଏ କରି ଦେଖନ୍‌ହାରିକଁର ଭଲ୍‌ପାଏବାର ସାଉଁଟିଛନ୍। କାମ୍‌ଧଁଦାରେ ସବୁବେଲେ ବାଇ ରହେଲେ ବି ନିଜ୍‌କୁ ଫିଟ୍ ରଖ୍‌ବାର ଲାଗି ସେ ସବୁବେଲେ ଚେଷ୍‌ଟା କର୍‌ସନ୍। ସକାଲୁ ଉଠି ପହେଲା ରନିଂ ଲାଗି ଯାଏସନ୍। ପାଖାପାଖି ଘଁଟେ ରନିଂ ଉତାରୁ ଗୁଟେ ଘଁଟା ଏକ୍ସରସାଇଜ୍ କର୍‌ସନ୍। ଏହେଦେ ଗୁଟେ ଫିଲ୍ମ ଶୁଟିଂ ଲାଗି ସେ ଗଲା କେତେଦିନ୍ ହେଲା ଜିମ୍ ଯିବାର ଆରମ୍ କରିଛନ୍। ଫିଦିନ୍ ସକାଲେ ଗ୍ରୀନ୍ ଟି' କି ଫ୍ୟାଟ୍‌ଲେସ୍ ଲାଗି ଲେମଉ ଆର୍ ଗରମ୍ ପାଏନ୍ ପିଇସନ୍। ଶୁଟିଂ ସମିଆରେ ଖାଏବାରେ ଅସ୍‌ବିଧା ହେଉଥିବାର ଲାଗି ପ୍ରପର ବ୍ରେକ୍‌ଫାଷ୍ଟ ଉପ୍‌ରେ ସେ ଧିଆନ୍ ଦେଉଛନ୍। ବ୍ରେକ୍‌ଫାଷ୍ଟରେ ମୋସ୍‌ଲି ଆର୍ ଓଟ୍‌ସ ଖାଏସନ୍। ଲଞ୍ଚ୍‌ରେ ସବୁବେଲେ ଅଲପ୍ ଭାତ୍, ଡାଲି ସଂଗେ ସାଧା ଖାଏଦ୍ ଖାଏବାକେ ପସନ୍ କର୍‌ସନ୍। ଜଙ୍କ୍ ଫୁଡ୍‌ଠାନୁ ଦୂରେଇ ରହୁଥିବାର ଚିନ୍ମୟ ଅଧିକା ତେଲ୍ ମସଲା ଖାଏଦ୍ ଖାଏବାକେ ପସନ୍ ନାଇଁକରନ୍। ସିଝା ଖାଏଦ୍ ଏନ୍‌ତା କି ସେ ଚିକେନ୍ ସିଝା ବି ଖାଏସନ୍। ଫିଦିନ୍ ରାତି ୮ ବଜେ ଆଗ୍‌ରୁ ଖାଏବାକେ ଚେଷ୍‌ଟା କର୍‌ସନ୍। ଡିନରରେ ରୁଟି, ତରକାରୀ କି ବ୍ରାଉନ ବ୍ରେଡ୍ ଆର୍ ଅଣ୍ଡା ଅମ୍‌ଲେଟ୍ ନେହେଲେ ଓଟ୍‌ସ ଖାଇଦେସନ୍। ଦିନ୍‌କ ୬ ଲିଟର ପାଏନ୍ ପିଇବାର ସଂଗେ ଠିକ୍ ସମିଆରେ ଶୁଇବାର ଆର୍ ଜଲ୍‌ଦି ଉଠ୍‌ବାର ହେଉଛେ ତାକର ଫିଟ୍‌ନେସ୍ ଫଣ୍ଡା। ପହଁଟିଆ ସାଢ଼େ ୪ ବଜେ ଉଠ୍‌ସନ୍। ଚିନ୍ମୟକଁର ହିସାବେ, ଦର୍‌ଶକ୍ ସବୁବେଲେ ଆମକୁ ଫିଟ୍ ଦେଖ୍‌ବାକେ ଚାହେଁସନ୍। ସେଥିର୍‌ଲାଗି କଳାକାରମାନକର ଲାଗି ଫିଟ୍‌ନେସ୍‌ଟା ନିହାତି ଜରୁରୀ ଆଏ। ମୁଇଁ ନାଇଁ ଭାବେଁ ଯେ ଡାଏଟିଙ୍ଗ୍ କଲେ ଝନେ ଫିଟ୍ ରହିପାର୍‌ବା। ଶାରୀରିକ୍, ମାନ୍‌ସିକ୍ ଭାବେ ଫିଟ୍ ରହେଲେ ନ ଆମେ ଖୁସିରେ ରହିପାର୍‌ମା।

**–ରିପୋର୍ଟ: ଅସମାପିକା ସାହୁ**

# ଯାହା ଦେଖ୍ସିଁ ସେଟାକେ ନେଇ ଫିଲ୍ମ କର୍ସିଁ

ଭିନେ ଧରନ୍‌ର କଥାନୀ ସଂଗେ ନିଜର ନିର୍‌ଦେଶନା ଶଇଲିକେ ନେଇ ସାରା ବିଶ୍ୱରେ ଲୋକ୍‌ପିରିଅ ହେଇପାରିଛନ୍ ଝନେ ଓଡ଼ିଆ। ସେ ହେଉଛନ୍ ବହୁ ଜାତୀୟ୍ ଆର୍ ଅନ୍ତର୍ଜାତୀୟ୍ ପୁରସ୍କାର ବିଜେତା, ନାଁକରା ହିନ୍ଦୀ ଫିଲ୍ମ 'ଆଇ ଆମ୍ କାଲାମ'ର ନିର୍‌ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡା। ଆଏଜ୍‌ତକ୍ ୭୦ରୁ ଅଧିକା ଛୋଟ୍ ପ୍ରାମାଣିକ୍ ଆର୍ ଫିଚର ଫିଲ୍ମର ନିର୍‌ଦେଶନା ଦେଇସାରିଥିବାର ପଣ୍ଡା ଜଲ୍‌ବାୟୁ ପରିବର୍‌ତନ୍, ଶିଶୁ ଶ୍ରମିକ, ଶିକ୍ଷା, ଜଲାଭାବ୍, ପରିମଲ୍ ବେବସ୍‌ତା ଲେଖେନ୍ ସାମାଜିକ୍ ଘଟ୍‌ନାକେ ନେଇ ଫିଲ୍ମ ତିଆର କରିଛନ୍। ତାଁକର ନିର୍‌ଦେଶିତ୍ ବଡ଼ଭାଗି ଚଲଚିତ୍‌ର ସତ୍ ଘଟ୍‌ନା ଉପ୍‌ରେ ଆଧାରିତ୍, ଯେନ୍‌ଥି ପଶ୍ଚିମ ଓଡ଼ିଶାର ଝଲକ୍ ଦେଖିବାକେ ମିଲ୍‌ସି। ପଣ୍ଡାକଁର ପହେଲା ଫିଚର ଫିଲ୍ମ 'ଆଇ ଆମ୍ କାଲାମ' ୩୨ଟା ଅନ୍ତର୍ଜାତୀୟ୍ ଆର୍ ଗୁଟେ ଜାତୀୟ୍ ପୁରସ୍କାର ପାଇ ରେକଡ୍ କରିଥିଲା। ସେନ୍‌ତା କନ୍ୟାଭ୍ରୂଣ ହତିଆ ଉପ୍‌ରେ ନିର୍‌ମିତ୍ ଦୁତିଅ ଫିଚର ଫିଲ୍ମ 'ଜଲ୍‌ପରୀ' କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ପଦର୍‌ଶିତ୍ ହେଇ ପୁରସ୍କାର ପାଇଥିଲା। ଏଭେ ସେ ତିଆର କରିଥିବାର 'ହାଲ୍‌କା'ର ଟ୍ରେଲର କିଛିଦିନ ତଲେ ରିଲିଜ ହେଇଥିଲା ବେଲେ ସେଟା ଇଣ୍ଟରନେଟ୍‌ରେ ଚହଲ ସୁରୁଷ୍ଟି କରିଛେ। ଏଭେ ଭୁବନେଶ୍ୱର ଗୁଟେ କାର୍ଯ୍ୟକରମ୍‌ରେ ଯୋଗ୍‌ଦେବାକେ



ନୀଳମାଧବ ପଣ୍ଡା

ଧରିତ୍ରୀ ଆଲାପ

**'ହାଲ୍‌କା' ଫିଲ୍ମ ବାବ୍‌ଦେ କାଣା କହେବେ? ଇଥିରେ କାଣା ଖାସ୍ ଅଛେ?**

ସିନେମା ମାନେ ଏଣ୍ଟରଟେନ୍‌ମେଣ୍ଟ। ଯେତେବେଲେ ଟିକେଟ୍ କାଟି ଝନେ ଦେଖନ୍‌ହାରି ହଲ୍‌କେ ଯାଏସି, ସେ ସମିଆରେ ତାର୍ ମନେ ଗୁଟେ ନ କଥା ଥାଏସି, ଫିଲ୍ମଟା କେତ୍‌କର ତାର ମନୋରଂଜନ କର୍‌ବା। ବାକି ରହିଲା ଆୱାର୍ଡ, ଆପ୍ରିସିଏଶନ, ସୋସାଇଟି ଲାଗି ମେସେଜ୍, ସେ ସବୁ ପଛରକଥା। ସବୁ ଦୃରୁଷ୍ଟିରୁ ଦେଖିବାକେ ଗଲେ, 'ହାଲ୍‌କା', ଗୁଟେ ଗୁଟା ପ୍ୟାକେଜ୍ ଆଏ। ଛୁଆମାନ୍‌କର ଲାଗି ଆମର ଦେଶେ ଏତେ ଫିଲ୍ମ ନାଇଁ ହେବାର। ମୁଇଁ ସବୁବେଲେ କହେସିଁ ଯେ, ଆମେମାନେ ବହୁତ୍ ସୁଆର୍‌ଥପର୍ ପିଢ଼ି। ନାଁଇଁ ଆମେ ଛୁଆମାନ୍‌କର ଲାଗି ଫିଲ୍ମ ତିଆର କରୁଛୁଁ କି ସେମାନ୍‌କୁ ଫିଲ୍ମ ଦେଖାବାକେ ନେଉଛୁଁ। ଭାରତ ହେଉଛେ ବିଶ୍ୱର ସବୁଠାନୁ ଜହ ଫିଲ୍ମ ତିଆର ହେଉଥିବାର ଦେଶ୍। ଫିବଛର୍ ତିଆର ହେଉଥିବାର ୧୨୦୦ରୁ ୧୪୦୦ ଫିଲ୍ମ ଭିତ୍‌ରୁ ଖୁଜ୍‌ଲେ ଅତିବେଶିରେ ୨ରୁ ୪ଟା ଶିଶୁ ଚଲଚିତ୍‌ର ମିଲ୍‌ବା। 'ହାଲ୍‌କା' ଛୁଆମାନକର ଲାଗି ଗୁଟେ ଉପହାର। ଗୁଟେ ପିଲାର ହିରୋଇଜିମ୍‌କେ ନେଇ ଫିଲ୍ମ ତିଆର ହେଇଛେ। 'ହାଲ୍‌କା' ଗୁଟେ ବସ୍‌ତିର କଥାନୀ ହେଲେ ବି ଇଥିରେ 'ସେଲିବ୍ରେଶନ ଅଫ୍ ହ୍ୟୁମାନିଟି'କେ ମୁଇଁ ଜୋର୍ ଦେଇଛେଁ।

**'ହାଲ୍‌କା' ଆପନ୍‌କର ଆଗ୍‌ରୁ ରିଲିଜ୍ ହେଇଥିବାର ଆୱାର୍ଡ ୱିନିଂ ଫିଲ୍ମ 'ଆଇ ଆମ୍ କଲାମ'ର ସିକ୍ୟୁଏଲ୍ କାଏଁ?**

ନାଁଇଁ, ଇଟା ବିଲ୍‌କୁଲ୍ ତାର ସିକ୍ୟୁଏଲ୍ ନୁହେ। ଇଟା ପୂରା ଗୁଟେ ଅଲଗ୍ ଧରନ୍‌ର କଥାନୀ। 'ଆଇ ଆମ୍ କଲାମ' ସଂଗେ 'ହାଲ୍‌କା'ର ଦୂର୍ ଦୂର୍ ତକ୍ କେହେନ୍‌ସି ପର୍‌କାର ସମ୍ପର୍କ ନାଁଇଁନ।

**ପାଓଲି ଦମ୍, ରଣବୀର ସୋରେଙ୍କୁଁ କାଏଁଥିର୍ ଲାଗି ବାଛିଥିଲେ? 'ହାଲ୍‌କା'ରେ ସତେ କେତେଝନ୍ ବସ୍‌ତିର ଲୋକ୍ ଅଭିନଏ କରିଛନ୍। ସେ ବାବ୍‌ଦେ କାଣା କହେବେ?**

ଯେନ୍ ବସ୍‌ତିରେ ଆମର ଶୁଟିଂ ହେଉଥିଲା, ସେଠାନର କେତେଝନ୍ ଥାନୀୟ୍ ଲୋକ୍ ଇଥିରେ ଅଭିନଏ କରିଛନ୍। ବାକିରହେଲା ପାଓଲି ଦମ୍ ଆର୍ ରଣବୀରକଁର କଥା। ଉଭଏ ଅଭିନଏ କ୍ଷେତ୍‌ରରେ ବହୁତ୍ ପାର୍‌ବାର ଆନ୍। ପାଓଲି ଦମ୍ ବଙ୍ଗଳା ଫିଲ୍ମ ଇଣ୍ଡଷ୍ଟ୍ରୀର ଝନେ ଭର୍ସାଟାଇଲ୍ ଆକ୍ଟର ଆର୍ ରଣବୀର ସୋରେଙ୍କୁଁ ଝନେ ଫାଇନ୍ ଆର୍ଟିଷ୍ଟ ହିସାବେ ସଭେ ଜାନିଛନ୍।

**ପରିବେଶ ପରିବର୍ତ୍ତନ, ଶିଶୁ ଶ୍ରମିକ, ଶିକ୍ଷା ଆର୍ ଜଲ୍ ସମସିଆ ଲେଖେନ୍ ସାମାଜିକ୍ ସଚେତନତାକେ ନେଇ ଆପନ୍ ଜହ ଫିଲ୍ମ କରୁଛନ୍। ଯେତେବେଲେ କି କମର୍ସିଆଲ ଫିଲ୍ମ ଅଧିକା ବିକ୍‌ରି ହେଉଛେ ଆର୍ ଲୋକ୍ ଏନ୍‌ତା ଫିଲ୍ମକେ ଅଧିକା ପସନ୍ କରୁଛନ୍। ଆପନ୍ ବି ଚାହେଁଲେ ସେନ୍‌ତା ଫିଲ୍ମ କରିପାର୍‌ତେ। ଇ ବାବ୍‌ଦେ କାଣା କହେବେ?**

ଇଟା ଗୁଟେ ଭୁଲ୍ ଧାର୍‌ନା। ମୁଇଁ କମର୍ସିଆଲ ଫିଲ୍ମ ବି କରୁଛେଁ। ଶାହରୁଖ୍ ଖାଁକଁର ଗୁଟେ ଫିଲ୍ମରେ ୧୦୦ କୋଟି ଟଁକା ଖରଚ୍ ହେଲେ ୩୦୦ କୋଟି ଟଁକା ମିଲ୍‌ସି, ମୁଇଁ ଗୁଟେ ଫିଲ୍ମ ଲାଗି ୧କୋଟି ଖରଚ୍ କଲେ ୨୫ କୋଟି ଟଁକା ପାଏସିଁ। ଶାହରୁଖ୍‌କଁର ଫିଲ୍ମରେ ବଜେଟର ରେସିଓ ଯେନ୍‌ଠାନେ ୧:୩ ରହୁଛେ, ସେଠାନେ ମୋର୍ ଫିଲ୍ମର ରେସିଓ ୧:୨୫। ସେଥିର୍‌ଲାଗି ମୋର୍ ଫିଲ୍ମ ଶାହରୁଖ୍ ଖାଁକଁର ଫିଲ୍ମଠାନୁ ଅଧିକା କମର୍ସିଆଲ। ବଏ ଆର୍ ଆଏ ଭିତ୍‌ରେ ଥିବାର ଅନୁପାତ ଫିଲ୍ମର ସଫଲ୍‌ତା ଆର୍ କମର୍ସିଆଲିଟିକେ ମାପ୍‌ସି।

**ଭାରତୀୟ୍ ଫିଲ୍ମ ବଡ଼ ବଡ଼ ଷ୍ଟାରକାଷ୍ଟ ବିନା କି ଲୋ' ବଜେଟରେ ଚାଲିପାର୍‌ବା କି ନାଁଇଁ?**

ହଁ, ନିହାତି କାହିଁର ଲାଗି ନୁହେ। ଦେଶ୍‌ରେ ଏହେଦେ ଗୁଟେ ନୂଆଁ ସମିଆ ଚାଲିଛେ। ଆମର ଚାର୍‌ହିକୁତି ବହୁତ୍ କଥା ନୂଆଁ ହେଉଛେ। ବହୁତ୍ ଛୋଟ୍ ଛୋଟ୍ ଆର୍ କମ୍ ବଜେଟର ଫିଲ୍ମ ଭଲ ପର୍‌ଦର୍‌ଶନ୍ କରୁଛେ ଆର୍ ଲୋକ୍ ବି ସେଟା ପସନ୍ କରୁଛନ୍।

**ଆଏବାର ପ୍ରୋଜେକ୍ଟ କାଣା ଅଛେ? ଓଡ଼ିଶାର କେନ୍ କଥାନୀକେ ନେଇ ଫିଲ୍ମ କର୍‌ବାର ଯୋଜ୍‌ନା ଅଛେ କାଏଁ?**

ଆଗ୍‌କେ ମୁଇଁ ଗୁଟେ ୱାର୍ ଫିଲ୍ମ କର୍‌ବାକେ ଯାଉଛେଁ। ଏହେଦେ ସେଥିର୍‌ଲାଗି କାମ୍ କରୁଛେଁ। ୧୯୭୧ରେ ଭାରତ ଆର୍ ପାକିସ୍ତାନ ଭିତ୍‌ରେ ହେଇଥିବାର ଯୁଧ୍‌ର କଥାନୀ ଉପ୍‌ରେ ଇ ଫିଲ୍ମ ଆଧାରିତ୍। ୨୦୧୯ ଆରମ୍‌ରୁ ଶୁଟିଂ ହେବା ଆର୍ ବଛରର ଶେଷ୍‌ମୁଡେ ରିଲିଜ ହେବାର ଆଶ୍ ଅଛେ। ଓଡ଼ିଶା ମୋର ମାଏଟ୍। କିଛି ନାଇଁ କିଛି ଲିଙ୍କ୍ ରଖିବାର ଚେଷ୍ଟା କର୍‌ସିଁ। ଏଭ୍‌ତକ୍ ସେନ୍‌ତା ଭଲ୍ କଥାନୀଟେ ନୁହେମିଲେ। ମୁଇଁ ଗୁଟେ ଭଲ୍ କଥାନୀଟେର ଲାଗି ୨ରୁ ୩ ବଛର୍ ତକ୍ କାମ୍ କର୍‌ସିଁ। ଆଏଜ୍‌ତକ୍ ମୁଇଁ ଓଡ଼ିଶାର ଦୁଇଟା କଥାନୀକେ ନେଇ ରିସର୍ଚ୍ଚ କରିଛେଁ। ହେଲେ ସେଟା ଏତେ ଖାସ୍ ନାଇଁ ଲାଗ୍‌ଲା। ଏହେଦେ ଖୁଜା ଚାଲିଛେ, ମିଲ୍‌ଲେ ନିହାତି କର୍‌ମି।

**କଣ୍ଟେମ୍ପୋରାରି ଫିଲ୍ମ କର୍‌ବାରେ ଆଏଜ୍‌କାଲିର ସମିଆରେ କେତେ ଚ୍ୟାଲେଞ୍ଜିଂ? ଭାରତୀୟ୍ ଦର୍‌ଶକ୍‌ମାନ୍‌କର ଏନ୍‌ତା ଫିଲ୍ମ ଲାଗି ରେସ୍‌ପନ୍ସ କେନ୍‌ତା?**

କଣ୍ଟେମ୍ପୋରାରି ଫିଲ୍ମ ଝନେ ନିର୍‌ମାତାର ଲାଗି ନିହାତି ଗୁଟେ ବଡ଼ ଚ୍ୟାଲେଞ୍ଜ୍। ପ୍ରେମ, ପ୍ରତିଶୋଧ ଲେଖେନ୍ କେତେଟା ଇମୋଶନ୍‌କେ ନେଇ ତ ସଭେ ଫିଲ୍ମ କର୍‌ସନ୍। ହେଲେ ନିର୍‌ମାତା ଆର୍ କଳାକାରକଁର କାମ୍ ହେଉଛେ, ଇତାକେ କେନ୍‌ଥେଇ ଭିନେ ରଂଗ୍‌ଢ଼ଂଗ୍‌ଥି ଦର୍‌ଶକ୍‌କୁଁ ଦେଖାବେ।

**ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବାବ୍‌ଦେ କାଣା କହେବେ? ଇଣ୍ଡଷ୍ଟ୍ରୀକେ ନେଇ ଯେନ୍ ନକାରାତ୍ମକ୍ ଧାର୍‌ନା ଅଛେ, ସେ ବାବ୍‌ଦେ କାଣା କହେବେ?**

ଲୁକ୍‌କର ପସନ୍ ବଦ୍‌ଲିବାର ସଂଗେ ଫିଲ୍ମର ସୁଆଦ୍ ବି ବଦିଲ୍‌ସି। ସେଥିର୍‌ଲାଗି ସବୁ ଇଣ୍ଡଷ୍ଟ୍ରୀର ଭଲ୍ ଆର୍ ଖରାପ ସମିଆ ଥିସି। ହେଲେ ଆମର ଦୁର୍‌ଭାଏଗ୍ ଯେ, ଓଡ଼ିଆ ଇଣ୍ଡଷ୍ଟ୍ରୀର ଖରାପ ସମିଆ ବହୁଦିନ୍ ଧରି ଚାଲ୍‌ଲା। ଯେତେ ଦିନ୍‌ତକ୍ ଆମେ ନାଇଁ ଭାବ୍‌ମା ଯେ ଆମ୍‌କୁ କେତେ ଉଚ୍‌କୋଟୀର ଫିଲ୍ମ କର୍‌ବାର ଅଛେ, ସେତେ ଦିନ୍ ତକ୍ ଆମ୍‌କୁ କେହି ସାହାଯ୍ ନାଇଁ କରିପାରନ୍। ନିଜର ଉପ୍‌ରେ ଯେତେ ଆଁତରିକତା ରହେବା, ସଚୋଟ୍ ରହେମା, ଆମେ ସେତେ ଉପର୍‌କେ ଉଠ୍‌ମା। ଝନେ ନିର୍‌ମାତା ଆର୍ କଳାକାର ଇ ସବୁକେ ମନ୍ ଭିତରେ ରଖିଲେ ଯାଇ ଉଚ୍‌କୋଟୀର ଫିଲ୍ମ କରିପାର୍‌ବେ। ବାକି ରହେଲା କପିପେଷ୍ଟ ଟ୍ରେଣ୍ଡ କଥା, ଏତ୍‌କି କହିମି ସିନେମା ଲେଖେନ୍ ଇଣ୍ଡଷ୍ଟ୍ରୀରେ A+B କି ୨+୩ ଫର୍ମୁଲା କାମ୍ ନାଇଁକରେ।

**ନିଜର ଜୀବନ୍‌କେ ନେଇ ଆପନ୍ ବଡ଼ଭାଗି ଫିଲ୍ମ କର୍‌ସନ୍ ବଲି ଶୁନ୍‌ବାକେ ମିଲ୍‌ସି। କଥାଟା ସତ୍ କାଏଁ?**

ହଁ, ସତ୍ କଥା। କାରନ୍ ମୁଇଁ ବହୁତ୍ ବୁଲାବୁଲି କର୍‌ସିଁ। ଓଡ଼ିଶାର ଏନ୍‌ତା କେନ୍ ପଁନ୍‌ଚେତ୍ ନାଁଇଁନ, ଯେନ୍‌ଠାନ୍‌କେ ମୁଇଁ ନାଇଁଯାଇ। ସାରା ବିଶ୍ୱ ବୁଲିଛେଁ। ମୋର ଜୀବନ୍ ଯାତ୍‌ରାରେ ଯାହାବି ମୁଇଁ ଦେଖିସିଁ ଆର୍ ମୋର୍ ସଂଗେ ଯାହା ଘଟ୍‌ସି, ସେଟାକେ ନେଇ ଫିଲ୍ମ କର୍‌ସିଁ। ମୁଇଁ ମୋର୍ ନିଜର କଥାନୀର ଗୁଟେ ଅଂଶ ଆଏ। ଯେତେବେଲେ ଫିଲ୍ମ କର୍‌ସିଁ, ମୁଇଁ ଭଲ୍‌ପାଉଥିବାର ସବୁ କାମ୍ ଛାଡ଼ିଦେସିଁ। ପୂରା ସମିଆଟାକେ ଫିଲ୍ମ ପଛେ ଲଗେଇଦେସିଁ।

**ଆପନ୍‌କର ନଜର୍‌ରେ ଏହେଦେ ଓଡ଼ିଶାର ଚିତ୍‌ର କେନ୍‌ତା ଅଛେ?**

ଏତ୍‌କି କହିମି ଯେ, ଓଡ଼ିଆ ହିସାବେ ଆମର ସମ୍‌କର ଯାତ୍‌ରାଟା ଗଲା ୨୦/୩୦ ବଛର୍ ହେଲା ବହୁତ୍ ସହଜ୍ ହେଇଯାଇଛେ। ଓଡ଼ିଶା ଯେନ୍ ହିସାବେ ଉପର୍‌କେ ଉଠିଛେ, ସେଟା ଶବ୍‌ଦରେ ବର୍‌ନନ୍ କରି ନାଇଁହୁଏ। ସାରା ଦେଶେ ଓଡ଼ିଶା ସବୁଠାନୁ ସୁଁଦର, ଡଉଲ୍‌ଡାଉଲ୍ ଆର୍ ଗୁଟେ ବିକାଶମୁଖୀ ରାଏଜ୍ ଆଏ। ବିଶ୍ୱର ସବୁ ସହର ବୁଲିଛେଁ। ହେଲେ ଭୁବନେଶ୍ୱର ଲେଖେନ୍ ଗୁଟେ ସହର କେନ୍‌ଠାନେ ନାଇଁ ଦେଖି। ଆଗ୍‌ରୁ ଲୋକ୍ କହୁଥିଲେ ଯେ, ଯେତ୍‌କି ଦୂର୍ ରାସ୍‌ତା ଭଲ୍ ଅଛେ ସେଟା ଆନ୍ଧ୍ରର ବର୍ଡର ଆର୍ ଯେନ୍‌ଠାନୁ ରାସ୍‌ତା ଖରାପ୍, ସେଟା ଓଡ଼ିଶା। ଛତିଶଗଡ଼ କ୍ଷେତ୍‌ରରେ ବି ସମାନ୍ ଅବସ୍‌ତା ଥିଲା। ହେଲେ ଏହେଦେ ଥିତି ପୂରା ଉଲ୍‌ଟିଆ। ଯେନ୍‌ଠାନୁ ରାସ୍‌ତା ଖରାପ୍ ସେଟା ଆନ୍ଧ୍ର ଆର୍ ଯେନ୍‌ନୁ ରାସ୍‌ତା ଭଲ୍ ଅଛେ ସେଟା ଓଡ଼ିଶା। ଆବୁଧାବିରୁ ଦୁବାଇ ରାସ୍‌ତାକେ ବିଶ୍ୱର ସବୁଠାନୁ ସୁଁଦର ରାସ୍‌ତା କୁହାଯାଉଥିଲା ବେଲେ ମୁଇଁ କହେମି ଆମର ଜୁନାଗଡ଼ରୁ ସୋନପୁର ରାସ୍‌ତା ତା'ଠାନୁ ବେଶି ସୁଁଦର୍। ମୁଇଁ ନିଜେ ଇଟା ଅନୁଭବ୍ କରିଛେଁ ଆର୍ ଗରବ୍ କରି କହୁଛେଁ। ମୁଇଁ ମୋର ନିଜର ରାଏଜ୍‌କେ ଫିର୍‌ବାକେ ଚାହୁଁଛେଁ। ଆଏବାର ଦୁଇବଛର୍ ଭିତ୍‌ରେ ମୁଇଁ ଗାଁକେ ଯାଇ ସେଠାନେ ରହେବାର ଯୋଜ୍‌ନା ବି କରିଛେଁ। ଖାଲି ମୁଇଁ ନୁହେ, ମୋର୍ ଲେଖେନ୍ ବହୁତ୍‌ଟେ ଲୋକ୍ ଓଡ଼ିଶା ଫିର୍‌ବାକେ ଚାହୁଁଛନ୍।

**ପଶ୍ଚିମ ଓଡ଼ିଶାକେ ଅନ୍‌ଦେଖା କରାଯାଉଥିବାର ବାବ୍‌ଦେ ଯେନ୍‌କଥା ଶୁନ୍‌ବାକେ ମିଲୁଛେ, ଝନେ ପଶ୍ଚିମ ଓଡ଼ିଶାବାସୀ ହେଇ ଆପନ୍ ସେଟା ଅନୁଭବ୍ କରିଛନ୍ କାଏଁ?**

ଇଟା ପୂରା ଫାଲ୍‌ତୁ କଥା। ପଶ୍ଚିମ ଓଡ଼ିଶା ତ ବହୁତ୍ ଉନ୍‌ନତ। ଆପନ୍ କରାପୁଟ, ମାଲକାନଗିରି ବି ଯାଉନ୍, ସେଠାନେ ଦେଖିବେ ଓଡ଼ିଶା କେତେ ଆଗ୍‌କେ ଗଲାନ। ମୁଇଁ ସବୁବେଲେ ଇଟା କହେବାକେ ଚାହୁଁଛେଁ ଯେ, ଆଏଜ୍‌କାଲିର ଭେଁଡିଆ ପିଲାମାନେ ରାଏଜେ ଆର୍ ଦେଶ୍‌ରେ କାଣା ଘଟୁଛେ ସେ ବାବ୍‌ଦେ କିଛି ନାଇଁ ଜାନ୍‌ବାର। ଆଦିବାସୀଙ୍କୁଁ ଏତେ ପୋର୍‌ଛାହନ୍ ଆର୍ ପାର୍‌ଥମିକତା କେହେନ୍‌ସିନେ ନାଇଁ ଦିଆଯାଏ। ସାରା ବିଶ୍ୱରେ ଜନଜାତି ଆର୍ ବସ୍‌ତି ବାସିନ୍ଦାଙ୍କୁଁ ସବୁନୁ ଜହ ସୁବିଧା ସୁଯୋଗ୍ ଓଡ଼ିଶାରେ ଦିଆଯାଉଛେ। ଇଟା ହେଉଛେ ନୂଆଁ ଓଡ଼ିଶା। ହେଲେ ଦୂର୍‌ଭାଏଗ୍‌ର ବିଷେ, ଆମେ ଇସବୁ ଜାନ୍‌ବାର ବଦ୍‌ଲା ଉଲ୍‌ଟିଆ ଦୋଷ୍ ଲଦୁଛୁଁ।

**ରାଜନୀତିରେ ଯୋଗ୍‌ଦେବାର ଯୋଜ୍‌ନା ଅଛେ କାଏଁ?**

ଏହେଦେ ତ ହେନ୍‌ତା କିଛି ଯୋଜ୍‌ନା ନାଁଇଁନ। ହେଲେ ମୁଇଁ ଯେଭେ ଅନୁଭବ୍ କର୍‌ମି ଯେ, ମୁଇଁ ରାଜନୀତିରେ ଯୋଗ୍‌ଦେବାର କଥା, ସେ ସମିଆରେ ନିହାତି ଯୋଗ୍‌ଦେମି।

**ଯୁବ ଫିଲ୍ମ ନିର୍‌ମାତାମାନ୍‌କୁ କାଣା ମେସେଜ୍ ଦେବେ?**

ଯାହା ବି କରୁଛ, ପ୍ୟାସନ୍ ସହକାରେ କର। ୟୁଟ୍ୟୁବ୍, ଫେସ୍‌ବୁକ୍‌ରେ ଲାଇକ୍ ଆର୍ କମେଣ୍ଟ ପାଏବାର ଲାଗି କେଭେ ଫିଲ୍ମ ନାଇଁକର। ନେମ୍, ଫେମ୍ ପଛର୍ କଥା। ମୁଇଁ ଯେନ୍ ଫିଲ୍ମ କର୍‌ସିଁ, ତାର୍ ଆଗ୍‌ରୁ କେଭେ ନାଇଁ ଭାବେଁ ଯେ ଲୋକ୍ ଇ ଫିଲ୍ମ ଦେଖିବେ କି ନାଁଇଁ, ଭଲ୍ ଚାଲ୍‌ବା କି ନାଁଇଁ। ଖାଲି ମନ୍ ଲଗେଇ ପରିଶ୍ରମ କର୍‌ସିଁ। ସେଟା ନ ମୋର ଫିଲ୍ମକେ ସଫଲ୍ କରାସି। **- ସାକ୍ଷାତ୍: ସସ୍ମିତା ପାଇକରାୟ**